# ମୋଦିଙ୍କ ର୍ୟାଲି ଦେଶର ମାନସିକତାକୁ ଆୟତ କରିଅଛି ।

**ତା.୧୦.୦୨.୨୦୧୪**

**ଅରୁଣ ଜେଟଲୀ**

**ବିରୋଧୀ ଦଳର ନେତା, ରାଜ୍ୟସଭା**

ଗତ ସପ୍ତାହରେ ମୋଦି ତଥା ବି.ଜେ.ପି ଖୁବ ବ୍ୟସ୍ତ ଥିଲେ । ଶନିବାର ଦିନ ସେ ଇମ୍ଫାଲରେ, ତାହାପରେ ମଣିପୁର ଓ ଶେଷରେ ଚେନ୍ନାଇରେ ଏକ ର୍ୟାଲିକୁ ସମ୍ବୋଧନ କରିଥିଲେ । ତାହାପରେ ସେ କୋଚି ଓ ଥିରୁଅନନ୍ତପୁରମଠାରେ ମଧ୍ୟ ଜନତାଙ୍କୁ ସମ୍ବୋଧନ କରିଥିଲେ । ଯେଉଁଠାରେ ତାଙ୍କୁ ବିପୁଳ ଜନ ସମର୍ଥନ ମିଳିଥିଲା । ମଣିପୁରରେ ବି.ଜେ.ପି ର ସେତେ ଦୃଢ଼ ସଙ୍ଗଠନ ନଥିବା ବେଳେ ଇମ୍ଫାଲରେ ହୋଇଥିବା ଏକ ବୃହତ ର୍ୟାଲି ସମସ୍ତଙ୍କୁ ଚକିତ କରିଦେଇଥିଲା । ତାହାପରେ ସେ ଚେନ୍ନାଇ ଓ କେରଳକୁ ମଧ୍ୟ ଯାଇଥିଲେ । ସେଠାରେ କିଛି ସଂଖ୍ୟା ଲଘୁ ସମ୍ପ୍ରଦାୟ ଯେଉଁମାନେ ପୂର୍ବରୁ ବି.ଜେ.ପି କୁ ସମର୍ଥନ କରୁନଥିଲେ ସେମାନେ ଖୁବ ଆଗ୍ରହର ସହ ମୋଦିଙ୍କୁ ନିଜ ଉତ୍ସବକୁ ଆମନ୍ତ୍ରଣ କରିଥିଲେ ।

ବର୍ତ୍ତମାନ ଦେଶର ଜନତାଙ୍କ କଂଗ୍ରେସ ଉପରେ ଥିବା ଆକ୍ରୋଶ ସମୟରେ ମୋଦିଙ୍କଠାରେ ସେମାନେ ଏକ ନୂତନ ଆଶା ଦେଖିପାରୁଛନ୍ତି । ସେମାନେ ଏକ ଦକ୍ଷ ତଥା ଉତ୍ସାହବାନ ତଥା ନିଷ୍ପତ୍ତି ନେବା ଯୋଗ୍ୟ ନେତାଙ୍କୁ ଆଶା କରୁଛନ୍ତି । ଦେଶର ଦରଦାମ ବୃଦ୍ଧି, ବେରୋଜଗାର ଓ ଭୂଲୁଣ୍ଠିତ ଅର୍ଥନୀତି କୁ ଦେଖି ବିଚଳିତ ଜନତା ମୋଦିଙ୍କ ପାଖରେ ଏକ ନୂଆ ଆଶା ବାନ୍ଧି ରଖିଛନ୍ତି । ଦେଶର ଉତ୍ତର, ମଧ୍ୟ ଓ ପଶ୍ଚିମାଞ୍ଚଳରେ ବି.ଜେ.ପି ର ସଙ୍ଗଠନ ଦୃଢ଼ ଥିବା କଥା ସମସ୍ତଙ୍କୁ ଜଣା । ମାତ୍ର ପଶ୍ଚିମ ବଙ୍ଗ, ଆନ୍ଧ୍ର ପ୍ରଦେଶ, ତାମିଲନାଡୁ ତଥା କେରଳ ଭଳି ରାଜ୍ୟରେ ମଧ୍ୟ ମୋଦିଙ୍କୁ ବିପୁଳ ଜନ ସମର୍ଥନ ମିଳୁଥିବା ଘଟଣା ଦେଖି ଖୁବ ଆଶ୍ଚର୍ଯ୍ୟବୋଧ ହୁଏ । ଯେଉଁଠି ସମଗ୍ର ଜନତାଙ୍କର କଂଗ୍ରେସ ସରକାରଙ୍କ ପ୍ରତି ଥିବା ଆକ୍ରୋଶ ତଥା ମୋଦିଙ୍କ ଉପରେ ଥିବା ଆଶା ପ୍ରତୀୟମାନ ହୁଏ । ଏହି ସମର୍ଥନ ଆଗାମୀ ଲୋକସଭା ନିର୍ବାଚନରେ କେତେ ଆସନକୁ ରୂପାନ୍ତରିତ କରିବ ତାହା ମଧ୍ୟ ଜନତାଙ୍କ ଉପରେ ନ୍ୟସ୍ତ ।